रेजिस्ट्री सं डी-221

REGISTERED No. D-221
ରେଜିଷ୍ଟ୍ରି ସଂ. ଡ଼ି-221

सत्यमेव जयते

# भारत का राजपत्र
# The Gazette of India
# ଭାରତର ଗେଜେଟ

**असाधारण**
**EXTRAORDINARY**
**ଅସାଧାରଣ**

**भाग XIII—अनुभाग I**
**Part XIII—Section I**
**ଭାଗ XIII— ଖଣ୍ଡ I**

**प्राधिकार से प्रकाशित**
**PUBLISHED BY AUTHORITY**
**ପ୍ରାଧିକାର ଦ୍ୱାରା ପ୍ରକାଶିତ**

**No. 1 NEW DELHI, FRIDAY, MAY 3, 1991/BAISAKH 13, 1913, (SAKA) VOL. 2**
**ସଂ 1 ନୂଆଦିଲ୍ଲୀ, ଶୁକ୍ରବାର, ମଇ 3, 1991/ବୈଶାଖ 13, 1913 (ଶକ) ଗ୍ରନ୍ଥଖଣ୍ଡ 2**

## MINISTRY OF LAW AND JUSTICE

**(Legislative Department)**

*New Delhi, dated the 3rd May 1991/13 Baisakh, 1913 (SAKA)*

The Translation in Oriya of the following:—

(1) The Convert's Marriage Dissolution Act, 1866 (2) The Suits Valuation Act, 1887 (3) The Excise (Spirits) Act, 1863 (4) The Children (Pledging of Labour) Act, 1933 (5) The Indian Telegraph Act, 1885 (6) The Two Member Constituencies (Abolition) Act, 1961, (7) The Police Act, 1861 are hereby published under the authority of the President and shall be deemed to be the Authoritative Text thereof in Oriya under Clause (a) of Section 2 of the Authoritative Texts (Central Laws) Act, 1973 (50 of 1973).

# ଅବକାରୀ (ସ୍ପିରଟ) ଅଧିନୟମ, 1863

## ( 1863 ର ଅଧିନିୟମ 16 )

କେବଳ ମାତ୍ର କଳା ଓ ବନିର୍ମାଣ ବା ରସାୟନ ବଦ୍ୟା ପାଇଁ ବ୍ୟବହୃତ ହେଉଥିବା ସ୍ପିରଟ ଉପରେ ଦେୟ ଅବକାରୀ ଶୁଳ୍କ ଉଦ୍‌ଗ୍ରହଣ ପାଇଁ ବଶେଷ ଉପବନ୍ଧ କରବାକୁ ଏକ ଅଧିନିୟମ ।

[ 10 ମାର୍ଚ୍ଚ, 1863 ]

ପ୍ରସ୍ତାବନା

**ଯେହେତୁ** କେବଳ ମାତ୍ର କଳା ଓ ବିନିର୍ମାଣରେ ବା ରସାୟନ ବିଦ୍ୟା ପାଇଁ ବ୍ୟବହୃତ ହେଉଥିବା ସ୍ପିରିଟ ଉପରେ ଦେୟ ଅବକାରୀ ଶୁଳ୍କ ଉଦ୍‌ଗ୍ରହଣ ପାଇଁ ବିଶେଷ ଉପବନ୍ଧ କରାଯିବା ସମୀଚୀନ ଅଟେ, ତେଣୁ ଏହା ନିମ୍ନମତେ ଅଧିନିୟମିତ ହେଲା:—

ମଦଭାଟିରୁ ସେପରି ସ୍ପିରିଟର ଅପସାରଣ-ବେଳେ ଦେୟ ଶୁଳ୍କ ।

1. କୌଣସି ରାଜ୍ୟରେ ସ୍ପିରିଟର ମୂଲ୍ୟର ଶତକଡ଼ା ପାଞ୍ଚରୁ ଅନଧିକ ଶୁଳ୍କ ପ୍ରଦାନ କରାଯାଇ କୌଣସି ଲାଇସେନ୍‌ସପ୍ରାପ୍ତ ମଦଭାଟିରୁ କେବଳମାତ୍ର କଳା ଓ ବିନିର୍ମାଣ ବା ରସାୟନ ବିଦ୍ୟା ପାଇଁ ବ୍ୟବହାର କରାଯିବା ଉଦ୍ଦେଶ୍ୟରେ ସ୍ପିରିଟ ଅପସାରଣ କରାଯାଇ ପାରିବ ।

ପରନ୍ତୁକ

ପରନ୍ତୁ ମାନବୀୟ ଉପଭୋଗ ପାଇଁ ସେ ସବୁ ଫଳପ୍ରଦଭାବେ ଓ ସ୍ଥାୟୀଭାବେ ଅନୁପଯୁକ୍ତ କରା ନ ହେବା ପର୍ଯ୍ୟନ୍ତ କୌଣସି ସ୍ପିରିଟ ସେପରିଭାବେ ଅପସାରିତ ହେବ ନାହିଁ ।

ଅପସାରିତ ହେବାକୁ ଥିବା ସ୍ପିରିଟ ମାନବୀୟ ଉପଭୋଗ ପାଇଁ ଅନୁପଯୁକ୍ତ ବୋଲି ନିରୂପଣ କରିବାର ନିୟମାବଳୀ ।

2. କେନ୍ଦ୍ର ସରକାରଙ୍କ ଅନୁମୋଦନ ପ୍ରତି ସାପେକ୍ଷ ହୋଇ, ପ୍ରତ୍ୟେକ ରାଜ୍ୟରେ ରାଜସ୍ୱ ବୋର୍ଡ ବା କେନ୍ଦ୍ର ସରକାରଙ୍କ ଦ୍ୱାରା ସେଥିନିମିତ୍ତ ବିଶେଷଭାବେ କ୍ଷମତାପ୍ରାପ୍ତ ଅନ୍ୟ ପ୍ରାଧିକାରୀ ବିଭିନ୍ନ ସମୟରେ—

ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଅପସାରିତ ହେବାକୁ ଥିବା ସ୍ପିରିଟ ଏହି ଅଧିନିୟମର ଧାରା 1 ରେ ଆବଶ୍ୟକ ହେଉଥିବାମତେ ମାନବୀୟ ଉପଭୋଗ ପାଇଁ ଫଳପ୍ରଦଭାବେ ଓ ସ୍ଥାୟୀଭାବେ ଅନୁପଯୁକ୍ତ ବୋଲି ନିରୂପଣ ଓ ଅବଧାରଣ କରିବାପାଇଁ;

ଆବଶ୍ୟକ ହେଲେ ସେପରି ଅପସାରଣ କରିବାକୁ ଇଚ୍ଛୁକ ଥିବା ବ୍ୟକ୍ତିଙ୍କ ନିଜ ଖର୍ଚ୍ଚରେ, ତାହାଙ୍କ ନିଜ ଅଧିକାରୀଙ୍କ ଦ୍ୱାରା ସେପରି ସ୍ପିରିଟକୁ ସେଭଳି ଅନୁପଯୁକ୍ତ କରାଯିବା ପାଇଁ;

ଏବଂ ସ୍ପିରିଟର ଯେଉଁ ମୂଲ୍ୟ ଉପରେ ଯଥାମୂଲ୍ୟ ଶୁଳ୍କ ଉଦ୍‌ଗ୍ରହଣ କରାଯିବ ସେହି ମୂଲ୍ୟ ସ୍ଥିର କରିବା ପାଇଁ;

ନିୟମାବଳୀ ବିହିତ କରିବେ ।

ସେପରି ନିୟମାବଳୀର ଭଙ୍ଗ ପାଇଁ ଶାସ୍ତି ।

3. ଏହି ଅଧିନିୟମର ପୂର୍ବଗାମୀ ଶେଷ ଧାରା ଅନୁଯାୟୀ ଉପରୋକ୍ତ ପ୍ରକାରେ ରାଜସ୍ୱ ବୋର୍ଡ ବା ଅନ୍ୟ ପ୍ରାଧିକାରୀଙ୍କ ଦ୍ୱାରା ବିହିତ ହୋଇଥିବା କୌଣସି ନିୟମ ଇଚ୍ଛାକୃତ ଭାବରେ ଭଂଗ କରିଥିବା ପ୍ରତ୍ୟେକ ବ୍ୟକ୍ତି, ମାଜିଷ୍ଟ୍ରେଟ କ୍ଷମତା ପ୍ରୟୋଗ କରୁଥିବା କୌଣସି ଅଧିକାରୀଙ୍କ ଠାରେ ଦୋଷସିଦ୍ଧି ହେଲେ ସେପରି ପ୍ରତ୍ୟେକ ଅପରାଧ ପାଇଁ ଅନଧିକ ପାଞ୍ଚଶହ ଟଙ୍କା ପର୍ଯ୍ୟନ୍ତ ଶାସ୍ତି ପାଇବାକୁ ଦାୟୀ ହେବେ ।

ଅଧିନିୟମ ଅନୁଯାୟୀ ଅପସାରିତ ହୋଇଥିବା ସ୍ପିରିଟକୁ ମାନବୀୟ ଉପଭୋଗ ପାଇଁ ଉପଯୁକ୍ତ କରାଇବାକୁ ପ୍ରଯତ୍ନ କରିବା ପାଇଁ ଶାସ୍ତି ।

4. ଏହି ଅଧିନିୟମର ଉପବନ୍ଧ ଅନୁଯାୟୀ ମଦଭାଟିରୁ ଅପସାରିତ ସ୍ପିରିଟକୁ ମାନବୀୟ ଉପଭୋଗ ପାଇଁ ଉପଯୁକ୍ତ କରାଇବାକୁ ପ୍ରଯତ୍ନ କରୁଥିବା ବା ପ୍ରଯତ୍ନ କରିବା ବିଷୟରେ ମୌନାନୁକୂଳ ହେଉଥିବା ପ୍ରତ୍ୟେକ ବ୍ୟକ୍ତି ଅନଧିକ ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଶାସ୍ତି ପାଇବାକୁ ଦାୟୀ ହେବେ ।

ଓ ସେପରି ପ୍ରସ୍ତୁତ କରାହୋଇଥିବା ବା ମାନବୀୟ ଉପଭୋଗ ପାଇଁ ଉପଯୁକ୍ତ କରାହୋଇ ସାରିଥିବା ସେପରି ସ୍ପିରିଟ ରଖିଥିବା ବ୍ୟକ୍ତି, ମାଜିଷ୍ଟ୍ରେଟଙ୍କ କ୍ଷମତା ପ୍ରୟୋଗ କରୁଥିବା କୌଣସି ଅଧିକାରୀଙ୍କ ଠାରେ ଦୋଷସିଦ୍ଧ ହେଲେ ଅନଧିକ ପାଞ୍ଚଶହ ଟଙ୍କା ପର୍ଯ୍ୟନ୍ତ ଶାସ୍ତି ପାଇବାକୁ ଦାୟୀ ହେବେ ।

ଶାସ୍ତି କିପରିଭାବେ ଉଦ୍‌ଗୃହୀତ ହେବ ।

5. ପୂର୍ବଗାମୀ ଶେଷ ଦୁଇ ଧାରା ମଧ୍ୟରୁ ଯେକୌଣସି ଗୋଟିଏ ଅନୁଯାୟୀ ଆରୋପିତ ହୋଇଥିବା କୌଣସି ଶାସ୍ତିଧନ ଦିଆଯାଇ ନ ଥିବା ସ୍ଥଳେ, ସେପରି ଦଣ୍ଡ ଆରୋପ କରିଥିବା ଅଧିକାରୀଙ୍କ ହସ୍ତାକ୍ଷରରେ ୱାରେଣ୍ଟ ହୋଇ ଅପରାଧୀର ମାଲ୍ ଓ ଚଳସମ୍ପତ୍ତି ଜବତ ଓ ବିକ୍ରୟ ହୋଇ ଆଦାୟ କରାଯିବ ।

ଶାସ୍ତିଧନ ନ ଦେବା ସ୍ଥଳେ ଜବ୍ତି ୱାରେଣ୍ଟ ଫେରିବା ପର୍ଯ୍ୟନ୍ତ ଅପରାଧୀଙ୍କୁ ଅଟକ ରଖାଯାଇ ପାରେ ।

6. ସେପରି କୌଣସି ଶାସ୍ତିଧନ ସଙ୍ଗେ ସଙ୍ଗେ ଅସୁଲ ନ ହେବା ସ୍ଥଳେ, ସେପରି ଜବ୍ତି ୱାରେଣ୍ଟ ସୁବିଧାରେ କାର୍ଯ୍ୟକାରୀ ହୋଇ ନ ଫେରିବା ପର୍ଯ୍ୟନ୍ତ ଜବ୍ତି ୱାରେଣ୍ଟ ଫେରସ୍ତ ପାଇଁ ସ୍ଥିର ହୋଇଥିବା ସ୍ଥାନ ଓ ସମୟରେ ଅପରାଧୀ ହାଜର ହେବା ପାଇଁ ସେପରି କୌଣସି ଅଧିକାରୀଙ୍କ ହୃଦ୍‌ବୋଧ ହେବା ଭଳି ପ୍ରତିଭୂତି ନ ଦେଲେ ସେହି ଅଧିକାରୀ ଉକ୍ତ ଅପରାଧୀଙ୍କ ଗିରଫଦାର ପାଇଁ ଓ ନିରାପଦ ଅଭିରକ୍ଷାରେ ଅଟକ କରି ରଖିବା ପାଇଁ ଆଦେଶ ଦେଇ ପାରିବେ ।

ଜବତ ଦ୍ୱାରା ଜୋରିମାନା ଆଦାୟ କରିବାରେ ବିଫଳ ହେବା ସ୍ଥଳେ ଅପରାଧୀଙ୍କୁ କାରାବାସ ।

7. ସେପରି ୱାରେଣ୍ଟର ଫେରସ୍ତ ହେବା ପରେ ଯଦି ସେପରି ଶାସ୍ତିଧନ ଅସୁଲ କରିବା ପାଇଁ ଜବତ ସମ୍ପତ୍ତି ଯଥେଷ୍ଟ ନ ହେବ ଓ ତାହା ସଙ୍ଗେ ସଙ୍ଗେ ପ୍ରଦତ୍ତ ନ ହେବ ବୋଲି ପ୍ରତୀୟମାନ ହେବ, ବା

ଜବ୍ତି ୱାରେଣ୍ଟ ନିର୍ଗମ ହେଲେ ସେପରି ଶାସ୍ତିଧନ ଅସୁଲ ହୋଇ ପାରିବା ଭଳି ଯଥେଷ୍ଟ ମାଲ୍ ଓ ଚଳସମ୍ପତ୍ତି ଅପରାଧୀର ନାହିଁ ବୋଲି ଅପରାଧୀର ସ୍ୱୀକାରୋକ୍ତିରୁ ବା ଅନ୍ୟଥା ସେପରି ଅଧିକାରୀଙ୍କ ହୃଦ୍‌ବୋଧ ହେବା ସ୍ଥଳେ,

ସେପରି କୌଣସି ଅଧିକାରୀ ତାଙ୍କ ସ୍ୱହସ୍ତାକ୍ଷରିତ ୱାରେଣ୍ଟ ବଳରେ ଅପରାଧୀଙ୍କୁ ତାଙ୍କ ସ୍ୱବିବେକାନୁସାରେ ଶାସ୍ତିର ପରିମାଣ ପଚିଶ ଟଙ୍କାରୁ ଅଧିକ ହୋଇ ନ ଥିଲେ ଦୁଇ ପଞ୍ଜି ମାସରୁ ଅଧିକ ହୋଇ ନ ଥିବା ଏକ କାଳପାଇଁ ଓ ଶାସ୍ତିର ପରିମାଣ ଏକ ଶହ ଟଙ୍କାରୁ ଅଧିକ ହୋଇ ନ ଥିଲେ ଚାରି ପଞ୍ଜି ମାସରୁ ଅଧିକ ହୋଇ ନ ଥିବା ଏକ କାଳ ପାଇଁ ଓ ଅନ୍ୟ କୌଣସି ସ୍ଥଳେ ଛଅ ପଞ୍ଜି ମାସରୁ ଅଧିକ ହୋଇ ନ ଥିବା କାଳ ପାଇଁ ସିଭିଲ ଜେଲରେ କାରାରୁଦ୍ଧ କରି ରଖିବେ ଏବଂ ଉପରୋକ୍ତ ପ୍ରତ୍ୟେକ କ୍ଷେତ୍ରରେ ଶାସ୍ତି ପରିମାଣ ପ୍ରଦାନ କରାଗଲେ କାରାବାସର ଅବସାନ ହେବ ।

୪. ନିରସିତ ।

ଧାରା 3 ବା 4 ଅନୁଯାୟୀ ଦୋଷସିଦ୍ଧ ହେଲେ ବାଜ୍ୟାପ୍ତ ।

୨. ଏହି ଅଧିନିୟମର ଧାରା 3 ବା ଧାରା 4 ଅନୁଯାୟୀ ଦୋଷସିଦ୍ଧି ହେବା ପ୍ରତ୍ୟେକ ସ୍ଥଳରେ ସୁରା ବା ସ୍ପିରିଟ ସମେତ ତାହା ଯେଉଁ ପିପା ବା ପାତ୍ରରେ ଥିବ ତାହା ଓ ସେପରି ସୁରା ବା ସ୍ପିରିଟ ବହନ କରିବା ପାଇଁ ନିୟୋଜିତ ଶଗଡ଼, ନୌକା ଓ ପଶୁ ବା ପଶୁ ସମୂହକୁ ବାଜ୍ୟାପ୍ତ କରାଯାଇ ପାରିବ ।